# ମୃତକଙ୍କ ପରିବାରକୁ ଭେଟିଲେ ରୁଦ୍ର

ସାତମାଇଲ,୧୭।୪(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ କଂସରା ପଞ୍ଚାୟତ ଆମ୍ବିଠି ଗ୍ରାମ ଗୁଡିସାହିରେ ଗତ ଗୁରୁବାର ହାତୀ ଆକ୍ରମଣରେ ପ୍ରଶ୍ନ ବେହେରା (୫୨)ଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ମୃତକଙ୍କ ପରିବାର ଲୋକଙ୍କୁ ଢେଙ୍କାନାଳ ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି ଭେଟି ସମବେଦନା ଜଣାଇଛନ୍ତି। ଏଥିସହିତ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଫୋନ ଯୋଗେ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୋଳ ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷା ତଥା ଭାଜପା ନେତ୍ରୀ ସୁଲୋଚନା ବେହେରା, ସାମାଜିକ କର୍ମୀ ତ୍ରିନାଥ ବେହେରା, କ୍ଷୀତ ଜେନା, ମାନସ ସାହୁ, ଶ୍ରୀକାନ୍ତ ସାମଲ, ଧର୍ମାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



# ଅନୁଗୋଳରେ ପ୍ରଥମ କରି ମହିଳା କାର୍ଡ

## ରଜନୀକାନ୍ତଙ୍କ ସ୍ତ୍ରୀ ସଂଯୁକ୍ତା ବିଜେଡି ପ୍ରାର୍ଥୀ

ଅନୁଗୋଳ ୧୭।୪ (ଅମିତ କୁମାର ସାମଲ)

ଅନୁଗୋଳ ବିଧାନସଭା କ୍ଷେତ୍ରରେ ବିଜେଡି ଖୋଲିଛି ମହିଳା କାର୍ଡ। ବିଜେଡିର ଦୀର୍ଘ ୨୪ ବର୍ଷ ଇତିହାସରେ ଦଳ କେବେ ବି ଅନୁଗୋଳରେ ମହିଳା ପ୍ରାର୍ଥୀ ଦେଇ ନ ଥିଲା। ହେଲେ ଚଳିତ ନିର୍ବାଚନରେ ଦଳ ଏକ ଭିନ୍ନ ରଣନୀତି ଆପଣାଇବା ସହ ଅନୁଗୋଳରେ ଗୋଳିଆ ଧରିଥିବା ରାଜନୀତିକୁ ସଫା କରିବାର ପ୍ରୟାସ କରିଛି। ଦଳ ଏଠାରେ ଲଗାତର ୪ଥରର ବିଧାୟକ ରଜନୀକାନ୍ତ ସିଂହଙ୍କୁ ଟିକେଟ ନ ଦେଇ ତାଙ୍କ ସ୍ତ୍ରୀ ସଂଯୁକ୍ତା ସିଂହଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଫଳରେ ରଜନୀକାନ୍ତଙ୍କୁ ବଦଳାଇବା ପାଇଁ ନିର୍ବାଚନମଣ୍ଡଳୀରେ ଉଠୁଥିବା ସ୍ୱରକୁ ସମ୍ମାନ ଦେବା ସହ ରଜନୀକାନ୍ତ ଓ ତାଙ୍କ ସମର୍ଥକମାନଙ୍କୁ ମଧ୍ୟ



ନିରାଶ କରି ନ ଥିବା ଆଲୋଚନା ହେଉଛି।

ଅନୁଗୋଳ ନିର୍ବାଚନମଣ୍ଡଳୀରେ ୨୦୦୦ ମସିହାରେ ବିଜେଡିର ପ୍ରଥମ ପ୍ରାର୍ଥୀ ଥିଲେ ଅଦ୍ୱୈତ ପ୍ରସାଦ ସିଂହ। ତାଙ୍କ ପରେ ପୁଅ ରଜନୀକାନ୍ତ ୨୦୦୪ରୁ ଲଗାତର ୪ଥର ବିଧାୟକ ନିର୍ବାଚିତ ହୋଇଆସିଛନ୍ତି। ହେଲେ ୨୦୨୪ ନିର୍ବାଚନ ପାଇଁ ଏଠାରେ ପ୍ରାର୍ଥୀ ଘୋଷଣାକୁ ଦଳ ଦୀର୍ଘଦିନ ଧରି ଝୁଲାଇ ରଖିଥିଲା। ଏଥିରୁ ଦଳ କିଛି ଭିନ୍ନ ପନ୍ଥା ଆପଣାଇବାକୁ ଯାଉଥିବା ଚର୍ଚ୍ଚା ହେଉଥିଲା। ତେବେ ୫ମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା ବେଳେ ବୁଧବାର ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଗୋଳରୁ ସଂଯୁକ୍ତା ସିଂହଙ୍କ ନାମ ଘୋଷଣା କରିବା ଉକ୍ତ ଚର୍ଚ୍ଚାକୁ ସତ୍ୟ ସାବ୍ୟସ୍ତ କରିଛି। ମୁଖ୍ୟମନ୍ତ୍ରୀ ଅନୁଗୋଳରୁ ସଂଯୁକ୍ତାଙ୍କ ନାମ ଘୋଷଣା କରିବା ପରେ ରଜନୀକାନ୍ତଙ୍କ ସମର୍ଥକମାନେ ସହରରେ ଆତଶବାଜୀ ଫୁଟାଇ ଏହାକୁ ସ୍ୱାଗତ କରିଛନ୍ତି। ସଂଯୁକ୍ତାଙ୍କ ନିକଟକୁ ମଧ୍ୟ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଦଳ ତାଙ୍କୁ ପ୍ରାର୍ଥୀ କରିଥିବାରୁ ଏଥିପାଇଁ ସଂଯୁକ୍ତା ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ୫-ଟିଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଅନୁଗୋଳ ପର୍ଯ୍ୟବେକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ସଂଯୁକ୍ତାଙ୍କ ପ୍ରାର୍ଥିତ୍ୱକୁ ନେଇ ରଜନୀକାନ୍ତଙ୍କ ବିପକ୍ଷଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଥିଲେ ମଧ୍ୟ ପରିବାରବାଦ୍ ରାଜନୀତିକୁ ପୁନଃ ଆପଣାଇଥିବା ସେମାନେ କହିଛନ୍ତି। ତେବେ ଏହି ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ଦଳ କିପରି ବୁଝାଇ ନିର୍ବାଚନକୁ ସମ୍ମୁଖୀନ ହେବ ତାହାକୁ ନେଇ ଅନୁଗୋଳରେ ଚର୍ଚ୍ଚା ଲାଗିରହିଛି।

# ବଇଣ୍ଡାରେ ରାମ ନବମୀ ପାଳିତ

ବଇଣ୍ଡା,୧୭।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ରାମ ମନ୍ଦିର ନିକଟରେ ବୁଧବାର ରାମ ନବମୀ ପାଳିତ ହୋଇଯାଇଛି। ମଙ୍ଗଳବାର କଳସରେ ପାଣି ଆଣିବା ପରେ ମନ୍ଦିର ନିକଟରେ ରଖିବା ପରେ ବୁଧବାର ପ୍ରଭୁ ରାମଙ୍କ ପୂଜା କରାଯାଇଥିଲା। ପୂଜକ ଶ୍ୟାମ ସୁନ୍ଦର ରଥ, ଗୋପୀନାଥ ମିଶ୍ର ରୀତିନୀତି ଅନୁସାରେ ପୂଜା କରିଥିବା ବେଳେ ନାମ ସଂକୀର୍ତ୍ତନ କରାଯାଇଥିଲା। ଏଥିସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅମିୟ ସାହୁ ତାଙ୍କ ସ୍ତ୍ରୀ ସସ୍ମିତା ଗଡନାୟକ କର୍ତ୍ତା ଭାବେ ଯୋଗ ଦେଇଥିଲେ। ଏଥିସହ ପରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ବ୍ୟବସ୍ଥା କରାଯାଇଥିବା ବେଳେ ଆଖପାଖ ଅଞ୍ଚଳରୁ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ଗ୍ରାମର ରଜତ ସାହୁ, ସୁମନ୍ତ ବେହେରା, ବିକି ସେଠୀ, ରାଜେନ୍ଦ୍ର ପ୍ରଧାନ, ପ୍ରଶ୍ନ ସାହୁ, ଅକ୍ଷୟ ସାହୁ, ଅଶ୍ୱିନୀ ସେଠୀ, ଅଗସ୍ତି ସାହୁ, ସୁଶାନ୍ତ ବେହେରା, ଶରତ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



# ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ବଇଣ୍ଡା,୧୭।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନାକିଚିଠାରେ ବୁଧବାର ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ବିଜୁବାବୁଙ୍କ ଓଡ଼ିଶା ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରି ପ୍ରଧାନ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ, ବିଜେଡି ନେତା ସନ୍ତୋଷ ପ୍ରଧାନ, ତପନ ସାହୁ, ସିଦ୍ଧାର୍ଥ ପଣ୍ଡା, ବାମୁର ସରପଞ୍ଚ ସଞ୍ଜୀବ ପ୍ରଧାନଙ୍କ ସମେତ ବହୁ ବିଜେଡି ନେତା ଯୋଗଦେଇ ବିଜୁ ବାବୁଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ।

# ୨୭ ଲକ୍ଷ ହରାଇଲେ ଡାକ୍ତର

ଅନୁଗୋଳ,୧୭।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ସ୍ୱାଗତିକା ଗରଡ଼ିଆ ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ଆକାଉଣ୍ଟରୁ ସାଇବର ଠକ ୨୬ ଲକ୍ଷ ୯୦ ହଜାର ୩୬୪ ଟଙ୍କା ଚଳୁ କରିଥିବା ଥାନାରେ ଡାକ୍ତର ଅଭିଯୋଗ କରିଛନ୍ତି। ଏ ନେଇ ଅନୁଗୋଳ ସାଇବର ଥାନା ପୋଲିସ ନଂ. ୧୦/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଗତ ମାର୍ଚ୍ଚ ମାସରେ ସ୍ୱାଗତିକାଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା। ଠକ ଜଣଙ୍କ କିଛି ଫଟୋ ଓ ଭିଡିଓ ପଠାଇ ତାଙ୍କୁ ଏହି କାର୍ଯ୍ୟ କଲେ ଟଙ୍କା ମିଳିବ ବୋଲି ପ୍ରଲୋଭନ ଦେଇଥିଲେ। ଡାକ୍ତର ଜଣକ ଉକ୍ତ କାର୍ଯ୍ୟ କରିବା ସହ ଟଙ୍କା ପାଇବା ପାଇଁ ଟେଲିଗ୍ରାମରେ ଆକାଉଣ୍ଟ ଖୋଲିଥିଲେ। ସେ ଆକାଉଣ୍ଟ ଜନିତ ତଥ୍ୟ ଦେବା ପରେ ଠକ ଜଣକ ତାଙ୍କ ଆକାଉଣ୍ଟରୁ ବିଭିନ୍ନ ପର୍ଯ୍ୟାୟରେ ୨୭ ଲକ୍ଷ ଟଙ୍କା ଉଠାଇ ନେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ମାଲ୍ୟାର୍ପଣ ପରେ ବିଧାୟକଙ୍କ ପଦଯାତ୍ରା

କଣିହାଁ,୧୭।୪(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ମେଡିକାଲ ଛକ ନିକଟସ୍ଥ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିଠାରେ ବିଜେଡି ପକ୍ଷରୁ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ଉପସଭାପତି ଦଣ୍ଡଧର ବିଶ୍ୱାଳ, ୮ନଂ. ଜୋନ ପର୍ଯ୍ୟବେକ୍ଷକ ସୁବାସଚନ୍ଦ୍ର ମହାନ୍ତି, ବ୍ୟାଙ୍କ ନିର୍ଦ୍ଦେଶକ କରୁଣାକର ପ୍ରଧାନ, ଜିଲା ସମ୍ପାଦକ ଝସକେତନ ପ୍ରଧାନ, କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ, ରେଙ୍ଗାଳି ସମିତି ସଭ୍ୟ ଦେବାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ପ୍ରଥମେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା



ପରେ ଦଳୀୟ କର୍ମୀଙ୍କ ସହ ପଦଯାତ୍ରାରେ ରେଙ୍ଗାଳି ବଜାର ପରିକ୍ରମା କରି ଜନସାଧାରଣଙ୍କ ନିକଟରୁ ଆର୍ଶୀବାଦ ଭିକ୍ଷା କରିଥିଲେ। ପରେ ସ୍ଥାନୀୟ କପିଳେଶ୍ୱର ମନ୍ଦିର ଦର୍ଶନ କରିଥିଲେ। ସେଠାରୁ ପୋଡାଗଡ଼ ସୀତାରାମ ଆଶ୍ରମ ଯାଇ ଦର୍ଶନ ଲାଭ କରିବା ପରେ କୁଲୁମା ପଞ୍ଚାୟତ ନୀଳାପଶି ଗ୍ରାମରେ ଶ୍ରୀରାମ ନବମୀ ଯାତ୍ରା, ବାଲିପଶି ପଞ୍ଚାୟତ ଝାଙ୍କରପଶି ଗ୍ରାମ ଯାତ୍ରାରେ ଯୋଗଦେଇ ଭୋଟ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ପ୍ରଦୀପ ଦାସ, କୃପାସିନ୍ଧୁ ସାହୁ, ଶଶି ଶେଖର ସିଂ, ମହର୍ଗା ସ୍ୱାଇଁ, ଜୟନ୍ତ ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଳ, ଦୁଃଖବନ୍ଧୁ ବିଶ୍ୱାଳ, ବାଲିପଶି ସରପଞ୍ଚ ହାଡିବନ୍ଧୁ ସେଠୀ, ଦଳକ ସମିତି ସଭ୍ୟ ଦୀପକ ସେଠୀ, ଦେବେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ୬୦ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ,୧୭।୪(ଅମିତ କୁମାର ସାମଲ)

ଅନୁଗୋଳର ମା' ବାସନ୍ତିକ ଦୁର୍ଗାପୂଜା ଅବସରରେ ଆମ୍ଭ ମଗଧ ଯୁବ ବିକାଶ ସମିତି ଆନୁକୂଲ୍ୟରେ ମା' ବାସନ୍ତିକ ଦୁର୍ଗା ଅମଲାପଡ଼ା ମଣ୍ଡପଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୋଟ୍ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରକୁ ଅନୁଷ୍ଠାନର ସଭାପତି ସୁମତି କୁମାର, ସମ୍ପାଦକ ସୁକାନ୍ତ କୁମାର ମାଝି ଏବଂ ସହଯୋଗୀ କର୍ମୀ ଭାବରେ ସଞ୍ଜୟ ଯାଦବ, ଦୀପକ କୁମାର ସିଂହ, ରଞ୍ଜିତ କୁମାର ସିଂହ, ବଲିନ୍ଦର ସିଂହ, ଦିନେଶ, ଓଲିଲ, ଅଜୟ, ଉଦୟ ପ୍ରମୁଖ ପରିଚାଳନା କରିଥିଲେ। କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



# ସମର୍ପଣ ଏକାଡେମୀର ଦ୍ୱିତୀୟ କ୍ୟାମ୍ପସ ଉଦ୍‌ଘାଟିତ

ଅନୁଗୋଳ,୧୭।୪(ଅମିତ କୁମାର ସାମଲ)

ଅନୁଗୋଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ସମର୍ପଣ ଏକାଡେମୀ'ର ଦ୍ୱିତୀୟ କ୍ୟାମ୍ପସ ଅନୁଗୋଳ ସହରର ପ୍ରଗତିନଗର ଠାରେ ଉଦ୍‌ଘାଟିତ ହୋଇଯାଇଛି। ନବକୃଷ୍ଣ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଦ୍ରୌପଦୀ ପଟେଲ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଅନୁଗୋଳ ଶାଖା ପ୍ରବନ୍ଧକ ରମାକାନ୍ତ ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଅମଲାପଡ଼ା ଠାରେ ସମର୍ପଣ ଏକାଡେମୀର ପ୍ରଥମ କ୍ୟାମ୍ପସ ଥିବା ବେଳେ ଅତ୍ୟାଧୁନିକ ସୁବିଧା ସୁଯୋଗ ସହିତ ଦ୍ୱିତୀୟ କ୍ୟାମ୍ପସ ଖୋଲାଯାଇଥିବା ଅଧ୍ୟକ୍ଷା ବୈଷ୍ଣବୀ ଦେଓ ପ୍ରକାଶ କରିଛନ୍ତି। ଏଠାରେ ଶୀତତାପ ନିୟନ୍ତ୍ରିତ ସ୍ମାର୍ଟ କ୍ଲାସରୁମ, ଲାଇବ୍ରେରି, ଅଭିଜ୍ଞ ଶିକ୍ଷକ, ଲାବୋରୋଟୋରି ସହିତ କଡ଼ା ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ



ଦିଆଯାଇଛି। ସ୍କୁଲ ଶିକ୍ଷା ପରେ ଛାତ୍ରୀଛାତ୍ରଙ୍କ ଦ୍ୱନ୍ଦ୍ୱ ଦୂର କରିବା ସହିତ ଉନ୍ନତ ଶିକ୍ଷା ପ୍ରଣାଳୀରେ ଶିକ୍ଷାଦାନ ଲକ୍ଷ୍ୟ ରଖାଯାଇଥିବା ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ନିରୋଦ କୁମାର ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସହ ପରିଚାଳନା ନିର୍ଦ୍ଦେଶକ ପାର୍ଥସାରଥୀ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନାରେ ଭବାନୀ ଶଙ୍କର ପ୍ରଧାନ, ନୀତୀଶ ଚନ୍ଦ୍ର ବେହେରା, ନିହାର ରଞ୍ଜନ ସାହୁ, ଲଳିତ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ସ୍ୱାଗତିକା ନାଥ, ଶୁଭଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# 'ଲୋକଙ୍କ ସମସ୍ୟା ସମାଧାନ କରିବ କଂଗ୍ରେସ'

ଆଠମଲ୍ଲିକ,୧୭।୪ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ପଡ଼ିଆ ହିଣ୍ଡଳ ଆମ୍ବ ବଗିଚା ଠାରେ ନଗର କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓବିସି ରାଜ୍ୟ ସମ୍ପାଦକ ଦେବବ୍ରତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କଂଗ୍ରେସ ଓବିସି ସେଲ୍ ଅଧ୍ୟକ୍ଷ ତଥା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ବିଜୟାନନ୍ଦ ଚାଉଳିଆ ଯୋଗଦେଇ ବିଜେଡି, ଭାଜପା ମଧ୍ୟରେ ଭିତିରି ବୁଝାମଣା ରହି ନିର୍ବାଚନ ଲଢୁଥିବାରୁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ଦଳ ଭାବରେ ଉଭା ହୋଇଛି ବୋଲି କହିଥିଲେ। ଆସନ୍ତା ନିର୍ବାଚନରେ ରାଜ୍ୟ ଓ ଜାତୀୟସ୍ତରରେ କଂଗେସ ସରକାର ଆସିଲେ ସମାଜର ସବୁ ବର୍ଗର ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। କଂଗ୍ରେସର ବରିଷ୍ଠ ନେତା ହିମାଂଶୁ ଶେଖର ଚାଉଳିଆ ଯୋଗଦେଇ ଗଣତନ୍ତ୍ର, ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକର ସୁରକ୍ଷା ପାଇଁ କଂଗ୍ରେସ ସରକାରର ଆବଶ୍ୟକତା ରହିଛି ବୋଲି କହିଥିଲେ। ଓବିସି ରାଜ୍ୟ ସାଧାରଣ ସମ୍ପାଦକ କିଶୋର କୁମାର ମହାକୁଡ, ଜିଲା ଉପସଭାପତି ରାମାନନ୍ଦ ପାଣିଗ୍ରାହୀ, ପରମେଶ୍ୱର ବେହେରା, ସରୋଜ ମହାକୁଡ, ତ୍ରିପୁରେନ୍ଦ୍ର ବାଘ, ଦିବ୍ୟଲୋଚନ ନାୟକ, ବଳଦେବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ରାମାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ମା' ମଙ୍ଗଳା ମହୋତ୍ସବ ଉଦ୍‌ଘାଟିତ

ବଅଁରପାଳ/ଅନୁଗୋଳ,୧୭।୪
(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ୨୬ତମ ମା' ମଙ୍ଗଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମା' ଏକ ବିରାଟ ପଟୁଆର ଗ୍ରାମ୍ୟ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ସିଂଘ ବାଜା, ପଞ୍ଜାବୀ ବାଜା, ଘଣ୍ଟ ସହ ସ୍ଥାନୀୟ କଳାକାରମାନେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ତଥା ବିଧାୟକ ପ୍ରାର୍ଥୀ ଅମ୍ବିକା ପ୍ରସାଦ ଭଞ୍ଜ, ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ, କୁଲାଡ଼ ସରପଞ୍ଚ ଉଷାରାଣୀ ସ୍ୱାଇଁ, ସମିତି ସଭ୍ୟା ପ୍ରିୟମ୍ବଦା ଧୀର, ଗ୍ରାମ କମିଟି ସଭାପତି ଅଶୋକ ବିଶୋଇ, କୁଲାଡ଼ ଟ୍ରକ୍ ମାଲିକ ସଂଘ ସଭାପତି ରଞ୍ଜନ ଜେନା, ସମ୍ପାଦକ ରାଜୀବ ଲୋଚନ ଜେନା, ସମାଜସେବୀ ପଦ୍ମକ୍ଷୀ ସିଂ, ଯୁବ ବିଜେଡି ନେତା ଦୀନେଶ ପ୍ରଧାନ, ଶ୍ରମିକ ନେତା ବିଜନ ଦଳବେହେରା, ଶ୍ରବଣ ସ୍ୱାଇଁ, ଅଞ୍ଜନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ଲୋକନାଟ୍ୟ ମହାବୀର ଅପେରା ନାଟକ ପରିବେଷଣ କରିଥିବା ବେଳେ ଏହି ମହୋତ୍ସବରେ ପ୍ରାୟ ୧୦ ହଜାର ଲୋକଙ୍କ ସମାଗମ ହୋଇଥଲା। ଅନୁଷ୍ଠାନ ସଭାପତି ପ୍ରକାଶ ବେହେରା, ଉପସଭାପତି ଟୁନା ଜେନା, ସମ୍ପାଦକ ଗୁରୁ ଚରଣ ସେଠ, କୋଷାଧକ୍ଷ ମାନସ ମହାପାତ୍ର, ନଗେନ ସାହୁ, ଦିବ୍ୟଜୋତି ସିଂ, ପ୍ରଶାନ୍ତ ସାହୁ, ରିଙ୍କୁନ ଜେନା, ବିମଳ ସେଠ, ସିପୁନ ସେଠ, ଅଜୟ ସିଂ, ପିଣ୍ଟୁ ମହାପାତ୍ର ସହଯୋଗ କରିଥିଲେ।




# ରାଜ୍ୟକୁ ଏକ ନମ୍ବର କରିବା ପାଇଁ ଶପଥ ପାଠ




ତାଳଚେର, ୧୭।୪ (ମନୋଜ ନନ୍ଦ)

ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ନେତୃତ୍ୱରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ବୁଧବାର ତାଳଚେରରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ନଦୀ କୂଳରେ ପୂଜାର୍ଚ୍ଚନା କରାଯାଇ ତିଳତର୍ପଣ କରାଯିବା ସହିତ ବିଜୁବାବୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ପରେ ପବିତ୍ର ରାମ ନବମୀ ଅବସରରେ ଏକ ବିରାଟ ଶୋଭାଯାତ୍ରା ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ବାହାରି ସହର ପରିକ୍ରମା କରି ତାଳଚେର ନୂଆ ବସ୍‌ଷ୍ଟାଣ୍ଡ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଧର୍ମଶାଳାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଜୁବାବୁଙ୍କ ନୀତି ଆଦର୍ଶ ସମ୍ପର୍କରେ ବିଧାୟକ କହିବା ସହ ରାଜ୍ୟକୁ ଏକ ନମ୍ବର କରିବା ପାଇଁ ଶପଥ ପାଠ କରାଇଥିଲେ। ତେବେ ପବିତ୍ର ରାମ ନବମୀ ତିଥି ହୋଇଥିବାରୁ ଏହି କାର୍ଯ୍ୟକ୍ରମରେ ଦଳୀୟ ପତାକା ବଦଳରେ ପ୍ରଭୁ ଶ୍ରୀରାମଙ୍କ ପତାକା ଧରି ସମସ୍ତ ବିଜୁପ୍ରେମୀ ଜୟ ଶ୍ରୀରାମ ନାରା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନଗରପାଳ ପବିତ୍ର ଭୂତିଆ, ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ଉପନଗରପାଳ ଶୁଭସ୍ମିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ରିତାରାଣୀ ଦାସ, ସମିତି ସଭ୍ୟ, ସରପଞ୍ଚ, କାଉନସିଲର, ଯୁବ ଛାତ୍ର ଓ ମହିଳା ନଗର ଜନତା ଦଳର କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**୨ ବାଇକ୍ ଜବତ, ୨ ଗିରଫ**

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ପୋଲିସ ମଙ୍ଗଳବାର କିଶୋରନଗର ଅଞ୍ଚଳରେ ଗାଡିମୋଟର ଯାଞ୍ଚ କରିଥିଲା। ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ କିଶୋରନଗର ଅଞ୍ଚଳର ସଚିଦାନନ୍ଦ ସାହୁ, ସଞ୍ଜାମୁରା ଅଞ୍ଚଳର ମୁନା ବେହେରାଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨ଟି ବାଇକ୍ ଜବତ ହୋଇଛି। ଏ ନେଇ ୨ ଟି ମାମଲା ରୁଜୁ ହୋଇଛି।

# 'ବିଜୁବାବୁ ଲୋକଙ୍କ ଦୁଃଖ ସୁଖରେ ସାମିଲ ଥିଲେ'

**ଢେଙ୍କାନାଳ,୧୭।୪(ରତନ ନାୟାର)**



ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ କରାଯାଉଛି।

ଢେଙ୍କାନାଳ ବିଜେଡି ପକ୍ଷରୁ ବୁଧବାର ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ବିଜେଡି ପକ୍ଷରୁ ନିରାଡମ୍ବର ଭାବରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଜେଡି ଏମ୍ପି ପ୍ରାର୍ଥୀ ଡା. ଅବିନାଶ ସାମଲ ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୀବନ, ଆଦର୍ଶ ସମ୍ପର୍କରେ ଆଲୋକପାତ କରି ବିଜୁବାବୁ ସବୁବେଳେ ସାଧାରଣ ଲୋକମାନଙ୍କୁ ଗୁରୁତ୍ୱ ଦେବା ସହିତ ସେମାନଙ୍କ ଦୁଃଖ ସୁଖରେ ସାମିଲ ଥିଲେ ବୋଲି କହିଥିଲେ। ବିଜୁ ବାବୁଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ପ୍ରଗତି ପାଇଁ ନିଜର ସ୍ୱାର୍ଥକୁ ତ୍ୟାଗକରି ଯେଉଁଭଳି ଲୋକଙ୍କ ସେବାରେ ନିଜକୁ ସାମିଲ କରିଛନ୍ତି, ଠିକ୍ ସେହିଭଳି ଆଜିର ଯୁବ ସମାଜ ସାଧାରଣ ଲୋକଙ୍କ ସେବା ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସକାଳ ୮ଟାରେ ଜେଲ ପୋଖରୀଠାରେ ତିଳତର୍ପଣ କରାଯାଇଥିଲା। ଏହାପରେ ଗଣେଶ ବଜାରଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପଥପ୍ରାନ୍ତ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୂତିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲଙ୍କ ସମେତ ବରିଷ୍ଠ ବିଜେଡି ନେତା ପତିତପାବନ ମହାପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ରାଜ୍ୟ ମହିଳା ବିଜେଡି ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ଜିଲା ବିଜେଡି ସଭାପତି ସାଗରିକା ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଜିଲା ବିଜେଡି ଉପସଭାପତି ଅଭିମନ୍ୟୁ ପଣ୍ଡା, ବ୍ରହ୍ମାନନ୍ଦ ସାହୁ, ଶ୍ରୀକାନ୍ତ ଧଳ, ବିନୋଦ କୁମାର ମହାନ୍ତି, ଅଜୟ କୁମାର ଭଞ୍ଜ, ଗଙ୍ଗାଧର ରାଉତ, ସୁରେଶ ମହାପାତ୍ର, ସନ୍ଦୀପ ଷଡଙ୍ଗୀ, ସାଗିର ମହମ୍ମଦ, ଶୁଭଲକ୍ଷ୍ମୀ ସାହୁ, ଉର୍ବଶୀ ମହାପାତ୍ର, ଦୀପ୍ତିରଞ୍ଜନ ସେଠୀ, ଲିପିକା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେଡି କର୍ମୀ ଓ ନେତୃବୃନ୍ଦଙ୍କୁ ନେଇ ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଢ଼ିବା ନିମନ୍ତେ ଶପଥପାଠ କରାଯାଇଥିଲା। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ପରିଚାଳନା କରିଥିଲେ।

## ଅସହାୟ ମହିଳାଙ୍କ ଅନ୍ତିମ ସଂସ୍କାର କଲେ ସ୍ୱେଚ୍ଛାସେବୀ

**ଢେଙ୍କାନାଳ,୧୭।୪(ରତନ ନାୟାର)**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ମହିଳା ଭେଷଜ ବିଭାଗରେ ମଙ୍ଗଳବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ବ୍ରେନ୍ ଷ୍ଟ୍ରୋକ୍‌ରେ ସ୍ୱାମୀ ପରିତ୍ୟକ୍ତା ୪୫ ବର୍ଷୀୟା ମହିଳା ଏଲିମା ସାହୁଙ୍କ ମୃତ୍ୟୁ ହୋଇଥିଲା। ଏଲିମାଙ୍କ ମୃତ୍ୟୁ ପରେ ତାଙ୍କର ୧୨ ବର୍ଷର ଅସହାୟ ପୁତ୍ର ଓମ୍ ସତ୍ୟ ମହିମାଙ୍କ ଆଖିରୁ ଲୁହ ଶୁଖି ନ ଥିଲା। ଏହାକୁ ଦେଖି ରେଡକ୍ରସ ରାପିଡ ରେସପନ୍ସ ଗ୍ରୁପର ସଦସ୍ୟା କବିତା ବେହେରା, ଗ୍ରୁପର ମୁଖ୍ୟ ସଂଯୋଜକ ରାଜକିଶୋର ବେହେରାଙ୍କ ଉଦ୍ୟମରେ ମହିଷାପାଟସ୍ଥିତ ଖାଇ ରଗଡା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଯଥାରୀତି ଅନୁଯାୟୀ ଏହି ସଧବା ମହିଳାଙ୍କୁ ଅହିସୁଲକ୍ଷଣୀ ବେଶ କରାଯିବା ପରେ ତାଙ୍କର ନାବାଳକ ପୁତ୍ର ମୁଖାଗ୍ନି ଦେଇଥିଲେ। ବରିଷ୍ଠ ସଦସ୍ୟ ଦିଲୀପ କୁମାର ସାହାଣୀ, ରାମେଶ୍ୱର ମାଇତି, ଶୈଳବାଳା ମିଶ୍ର, କାଦମ୍ବରୀ ମହାଖୁଡ, ସ୍ୱପ୍ନାରାଣୀ ଜେମ୍‌ସ, ଦିପୁନା ପ୍ରଧାନ, ପଦ୍ମନାଭ ନାୟକ, ମନୋଜ କୁମାର ନାୟକଙ୍କ ସମେତ ରେଡକ୍ରସ ଆଜୀବନ ସଭ୍ୟ ମହେଶ କୁମାର ଅଗ୍ରୱାଲ, ଶିବ ପ୍ରସାଦ ପଣ୍ଡା ଓ ସୁଜିତ କୁମାର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ବିଜୁବାବୁ ବ୍ୟକ୍ତି ନୁହେଁ, ଅନୁଷ୍ଠାନ ଥିଲେ

**ଢେଙ୍କାନାଳ,୧୭।୪(ରତନ ନାୟାର)**

ଢେଙ୍କାନାଳ ଉପୁନା ପକ୍ଷରୁ ରଥଗଡାସ୍ଥିତ ମାର୍କେଟ କମ୍ପ୍ଲେକ୍ସଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପକ୍ଷରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ ନାୟକ, ବିଜୁ ବାବୁ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଜଣେ ଅନୁଷ୍ଠାନ ଥିଲେ ବୋଲି ମତ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ସର୍ବଭାରତୀୟ ଉପସଭାପତି ମନୋରଞ୍ଜନ ପଟ୍ଟନାୟକ ବିଜୁ ବାବୁ ଓଡ଼ିଶାର ଲୌହମାନବ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ କବି ବାହାଦୂର ପାଟସାହାଣୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ସୁଶାନ୍ତ ରାଉତ, ଲଳିତ ମୋହନ ବେହେରା, ବିଚିତ୍ର ସ୍ୱାଇଁ, ବିକାଶ ନାୟକ, ରୁଦ୍ର ପ୍ରକାଶ ଶରଣ, ସରୋଜ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଅବିନାଶ ଦାସ ଧନ୍ୟବାଦ ଦେଇଥିଲେ।



## ବିଜେଡିରେ ସାମିଲ ହେଲେ ଭାଜପା କର୍ମୀ

**ପରଜଙ୍ଗ,୧୭।୪(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପରଜଙ୍ଗ ପଞ୍ଚାୟତ ଭାଜପାର ବରିଷ୍ଠ ନେତା ନୃସିଂହ ରାଉତ, ବିନୟ ସାମଲ, ଚନ୍ଦ୍ରଶେଖର ଦାନି, ବିପିନ ବେହେରା ଏବଂ ବଳରାମ ଦଳବେହେରାଙ୍କ ସମେତ ଦଳର ଶତାଧିକ କର୍ମୀ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି। ଏହି ଅବସରରେ ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ, ଢେଙ୍କାନାଳ ଲୋକସଭା ବିଜେଡି ପ୍ରାର୍ଥୀ ଡାକ୍ତର ଅବିନାଶ ସାମଲ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଜୁ ପରିବାରକୁ ସ୍ୱାଗତ କରିଥିଲେ।



## ଟାଟା ଷ୍ଟିଲ୍ ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ

**ଢେଙ୍କାନାଳ,୧୭।୪(ରତନ ନାୟାର)**



ଟାଟାଷ୍ଟିଲ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଉଛି।

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳିତ ହେବା ସହ ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲ ମେରାମଣ୍ଡଳୀର ଆଇରନ ମେକିଂ ମୁଖ୍ୟ ଅମିତ ସିଂହଙ୍କ ନେତୃତ୍ୱରେ କମ୍ପାନୀର ସୁରକ୍ଷା ମୁଖ୍ୟ ବିକାସ ଏନ୍ ଗାଇକ୍ୱାଡ୍ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ଅତିଥିମାନଙ୍କ ଦ୍ୱାରା ଅଗ୍ନିଶମ ସେବା ପତାକା ଉତ୍ତୋଳନ କରାଯିବା ସହ ପ୍ରାଣ ହରାଇଥିବା ସାହାସୀ ଅଗ୍ନିଶମ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଗ୍ନି ନିରାପତ୍ତା ପାଇଁ ସଚେତନତା ଓ ପ୍ରସ୍ତୁତିକୁ ସୁଦୃଢ଼ କରିବା ଉପରେ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଏକ ସପ୍ତାହ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଥିରେ ବିଶେଷଜ୍ଞ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଅଗ୍ନି ନିରାପତ୍ତାର ପ୍ରତ୍ୟକ୍ଷ ପ୍ରଦର୍ଶନ, ପ୍ଲାଣ୍ଟରେ ଅଗ୍ନି ଓ ଉଦ୍ଧାର ଉପକରଣ ପ୍ରଦର୍ଶନ ଏବଂ ପ୍ଲାଣ୍ଟ କର୍ମଚାରୀଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହାବ୍ୟତୀତ କର୍ମଚାରୀଙ୍କ ପାଇଁ ସଚେତନତା ଅଧିବେଶନ ଆୟୋଜନ ହେଉଛି। ଏଥିସହିତ କର୍ମଚାରୀଙ୍କ ମଧ୍ୟରେ ଅଗ୍ନି ନିରାପତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସୂଚନାଯୋଗ୍ୟ, ଗତ ବର୍ଷକ ମଧ୍ୟରେ ୬ଟି ପାରିପାର୍ଶ୍ୱିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ନିରାପତ୍ତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଉଛି। ସାମଗ୍ରୀକ ନିରାପତ୍ତା ପ୍ରତି ନିଜର ପ୍ରତିବଦ୍ଧତା ଅନୁଯାୟୀ ଟାଟା ଷ୍ଟିଲ ମେରାମଣ୍ଡଳୀ ହାଉସିଂ କଲୋନି ମହିଳାମାନଙ୍କ ପାଇଁ ଅଗ୍ନି ନିରାପତ୍ତା ଉପରେ ଏକ ସ୍ୱତନ୍ତ୍ର ସଚେତନତା ଅଧିବେସନ କରାଯିବ ବୋଲି ଜଣାଯାଇଛି।

## ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

**କାମାକ୍ଷାନଗର,୧୭।୪(ଅମ୍‌ଜାଦ୍ ଖାନ୍)/ଭୁବନ (ବିପିନ ବିହାରୀ ସେଠୀ)**

କାମାକ୍ଷାନଗର ବିଜେଡି ତରଫରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବାଇକ୍ ରାଲି ସହର ପରିକ୍ରମା କରିଥିଲା। ପରେ ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡଠାରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉପଖଣ୍ଡ ଚିକିତ୍ସାଳୟରେ ଫଳ ବଣ୍ଟନ ସହ ବିଜେଡି ଦଳୀୟ କାର୍ଯ୍ୟାଳୟରେ ବୈଠକ କରାଯାଇଥିଲା। ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏନ୍ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ଉପାଧ୍ୟକ୍ଷ ଶକୁନ୍ତଳା ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଭୁବନ ବିଜେଡି କାର୍ଯ୍ୟାଳୟରେ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବୁଦ୍ଧେଶ୍ୱର ଶୈବପୀଠରେ ଦୀପଦାନ କରାଯାଇଥିଲା। ଏଥିରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ଏନ୍ଏସି ବିଜେଡି ସଭାପତି ନରେନ୍ଦ୍ର କୁମାର୍ ସାହୁ, ବରିଷ୍ଠ କର୍ମୀ ସୁଧାକର ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



# ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଲା ସହର



**କାମାକ୍ଷାନଗର,୧୭।୪(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶାଖା ତରଫରୁ ପବିତ୍ର ରାମ ନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ବୁଧବାର ସନ୍ଧ୍ୟାରେ ହନୁମାନ ବଜାର ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଜୟ ଶ୍ରୀରାମ ନାରାରେ ସମଗ୍ର ସହର ପ୍ରକମ୍ପିତ ହୋଇ ଉଠିଥିଲା। ଶୋଭାଯାତ୍ରା ଅନନ୍ତପୁରସ୍ଥିତ ରାମମନ୍ଦିରରେ ପହଞ୍ଚିବା ପରେ ପ୍ରଭୁ ରାମଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଭଜନ କୀର୍ତ୍ତନ ସହିତ ପ୍ରସାଦ ସେବନ କରାଯାଇଥିଲା। ସଂଘର କାର୍ଯ୍ୟକର୍ତ୍ତା ସନ୍ଦୀପ ପଟ୍ଟନାୟକ, ପବିତ୍ର ବିଶ୍ୱାଳ, ନିର୍ମଳ ସାହୁ, ଶିଶିରକାନ୍ତ ବେହେରା, ଲଳିତ କୁମାର ସାହୁ, ରବି ନାରାୟଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ।

## କାଶିଆଡିହିରେ ଆଚରଣ ବିଧି ଉଲ୍ଲଂଘନ

**ଢେଙ୍କାନାଳ,୧୭।୪(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଶିଆଡିହି ଗ୍ରାମରେ ସ୍ଥାନୀୟ ବ୍ଲକ କର୍ତ୍ତୃପକ୍ଷ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ବ୍ଲକ କର୍ତ୍ତୃପକ୍ଷ ଏକ ନିର୍ମିତ ଘରର କିଛିଅଂଶ ଭାଙ୍ଗି ପୁଣିଥରେ ଉନ୍ନତୀକରଣ ଆଳରେ ନିର୍ମାଣ କାର୍ଯ୍ୟ କରିଥିବା ଅଭିଯୋଗ କରାଯାଇଛି। ଏହାକୁ କେତେଜଣ ଲୋକ ବିରୋଧ କରିଛନ୍ତି। ପୁରୁଣା ଘରକୁ ମରାମତି କରିବା ବଦଳରେ ନୂତନ ଘର ନିର୍ମାଣ ପାଇଁ ଦାବି କରାଯାଇଛି। ନିର୍ବାଚନ ସମୟରେ ଆଦର୍ଶ ଆଚରଣବିଧି ଲାଗିଥିବା ବେଳେ ଉନ୍ନତୀକରଣ କାର୍ଯ୍ୟ କିଭଳି ହେଉଛି ବୋଲି ଉକ୍ତ ପଞ୍ଚାୟତର ସୂର୍ଯ୍ୟନାରାୟଣ ପାତ୍ର ପ୍ରଶ୍ନ ଉଠାଇ ଏ ସଂକ୍ରାନ୍ତରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ରାମନବମୀ ଉତ୍ସବ

**ଓଡ଼ାପଡ଼ା,୧୭।୪(ରଞ୍ଜିତ ନାୟକ)**



ଓଡ଼ାପଡ଼ା ବ୍ଲକ ବିଭିନ୍ନ ସ୍ଥାନରେ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ହିନ୍ଦୋଳ ରୋଡ଼ ସ୍ଥିତ ରାମମନ୍ଦିର ବାବା ଶୁକଦେବ ଦାସ ମହାରାଜାଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଯଜ୍ଞାନୁଷ୍ଠାନ ଆରମ୍ଭ କରାଯାଇଥିଲା। ଅପରାହ୍ନରେ ମହାବୀର ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ରାମମନ୍ଦିରଠାରୁ ଖୋଳ କୀର୍ତ୍ତନ କରି ବାଣ ଫୁଟାଇ, ବାଜା ବଜାଇ ଏକ ଶୋଭାଯାତ୍ରାରେ ବାହାରି ହିନ୍ଦୋଳ ରୋଡ୍ ବଜାର ପରିକ୍ରମା କରି ଜଗନ୍ନାଥଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇ ପୁର୍ନବାର ରାମମନ୍ଦିରକୁ ଆସିଥିଲେ। ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପା ନେତା ରୁଦ୍ର ନାରାୟଣ ପାଣି ରାମନବମୀ ଉତ୍ସବରେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ ଯୋଗଦେଇ ପ୍ରଭୁକୃପା ଲାଭ କରିବା ସହିତ ପ୍ରସାଦ ସେବନ କରିଥିଲେ। ବାବା ଶୁକଦେବ ଦାଶ ମହାରାଜା ପରିଚାଳନା କରିଥିଲେ। ସେହିପରି ଗଦାଶିଳାସ୍ଥିତ ରାମମନ୍ଦିର, ହଳଦିଆବାହଳ ସ୍ଥିତ ରଘୁନାଥ ଜୀଉଙ୍କ ମନ୍ଦିରରେ ଶ୍ରୀବିଷ୍ଣୁ ମହାଯଜ୍ଞ ସହିତ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ବାବା ମୋହନ ଚରଣ ଦାସ ପରିଚାଳନା କରୁଥିବାବେଳେ ଭକ୍ତମାନେ ସହଯୋଗ କରିଥିଲେ।

## ରାଜରାଜେଶ୍ୱର ବେଶ ଦର୍ଶନକଲେ ଶ୍ରଦ୍ଧାଳୁ

**ଢେଙ୍କାନାଳରେ ଶ୍ରୀରାମ ନବମୀ ଉତ୍ସବ**

**ଢେଙ୍କାନାଳ,୧୭।୪(ରତନ ନାୟାର)**



ଶ୍ରୀରାମ ସେବା ସଦନ ପକ୍ଷରୁ ରାମନବମୀ ଉତ୍ସବ ପାଳନ କରାଯାଉଛି।

ଢେଙ୍କାନାଳ ବଳରାମ ମନ୍ଦିର ପରିସରରେ ଶ୍ରୀରାମ ସେବା ସଦନ ପକ୍ଷରୁ ସପ୍ତଦଶ ବାର୍ଷିକ ଶ୍ରୀରାମ ନବମୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପ୍ରାତଃ ସାଢେ ୫ଟାରେ ସୂର୍ଯ୍ୟପୂଜା ଓ ନାମଯଜ୍ଞ, ସାଢେ ୬ଟାରେ ମଙ୍ଗଳାରୋପଣ, ସକାଳ ୭ଟାରେ ରାମାୟଣ ପାଠ ଆରମ୍ଭ, ୯ଟାରେ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର ଲାଗି ହୋଇଥିଲା। ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ମଧ୍ୟାହ୍ନ ୧୨ଟାରେ ଶ୍ରୀରାମ ଅଭିଷେକ, ସନ୍ଧ୍ୟା ୬ଟାରେ ଶ୍ରୀରାମ କଥାମୃତ ସତ୍‌ସଙ୍ଗ ଓ ୭ଟାରେ ଭବ୍ୟ ଆଳତୀ ଓ ଭଜନ ଅନୁଷ୍ଠିତ ହୋଇଥିଲା। ରାତି ୮ଟାରେ ପ୍ରସାଦ ସେବନରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଶ୍ରୀରାମ ସେବା ସଦନ ଅଧ୍ୟକ୍ଷ ଦୀପକ ମିଶ୍ର, ସଭାପତି ସୁଶୀଲ ପୁରୁଷୋତ୍ତମ, ଉପସଭାପତି ମୁରଲୀଧର ଭଞ୍ଜ, ସମ୍ପାଦକ ଦେବଦତ୍ତ ପଣ୍ଡା, ଯୁଗ୍ମ ସମ୍ପାଦକ ମହେଶ ଅଗ୍ରୱାଲ ଓ ସୁନୀଲ କୁମାର ପଣ୍ଡାଙ୍କ ସମେତ ରମେଶଚନ୍ଦ୍ର ପତି, ଶଶିକାନ୍ତ ଦାସ ହିଣ୍ଡୋଚା, ହିମାଂଶୁ ଶେଖର ନନ୍ଦ, ଦେବେନ୍ଦ୍ର ବେହେରା ଓ ସଞ୍ଜୟ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂଜକ ମନସୁମନ ମିଶ୍ର, ଶ୍ରୀବତ୍ସ ମିଶ୍ର, ନୀଳମଣି ଆଚାର୍ଯ୍ୟ, ପାଳିଆ ବ୍ରଜ ବିହାରୀ ମହାପାତ୍ର, ଟିକନ ବେହେରା ଓ ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ।

# ରାମ ନବମୀରେ ସହରରେ ଶକ୍ତି ପ୍ରଦର୍ଶନ

## ବିଜେଡିର ବାଇକ୍ ଶୋଭାଯାତ୍ରା

**ଢେଙ୍କାନାଳ,୧୭।୪(ରତନ ନାୟାର)**

ଢେଙ୍କାନାଳ ସହରରେ ରାମ ନବମୀ ପାଳନ ଅବସରରେ ବିଜେଡି ପକ୍ଷରୁ ଶକ୍ତି ପ୍ରଦର୍ଶନ କରାଯାଇଛି। କଲେଜ ବାଇପାସ ଛକଠାରୁ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ କର୍ମୀ ବିଶାଳ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରି କୋରିଆଁ ବାଇପାସ ପର୍ଯ୍ୟନ୍ତ ଯାଇଥିଲେ। ଏହି ଶୋଭାଯାତ୍ରାରେ ବିଜେଡି ଏମ୍ପି ପ୍ରାର୍ଥୀ ଡା. ଅବିନାଶ ସାମଲ ସାମିଲ ହୋଇଥିଲେ। ହନୁମାନ ଚାଳିଶା ସହ ଗେରୁଆ ପତାକା ମାଧ୍ୟମରେ ବିଜେଡି କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ଯାଇଥିଲେ। ଏହି ଶୋଭାଯାତ୍ରାରେ ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ, ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ, ଜଗଦୀଶ ସାମଲ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଉପସଭାପତି ଅଭିମନ୍ୟୁ ପଣ୍ଡା, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଯୁବ ନେତା ଶ୍ରୀକାନ୍ତ ଧଳ, ବିନୋଦ ମହାନ୍ତି, ଦୀପକ ମିଶ୍ର, ଜିଲା ସମ୍ପାଦକ ରଞ୍ଜନ ନାୟକ ଓ ଗଙ୍ଗାଧର ରାଉତ, କାଉନସିଲର ଶୁଭଲକ୍ଷ୍ମୀ ସାହୁ, ଦୀପ୍ତିରଞ୍ଜନ ସେଠିଙ୍କ ସମେତ ନେତୃବୃନ୍ଦ ଓ କର୍ମୀ ସାମିଲ ହୋଇଥିଲେ।



ରାମ ନବମୀରେ ବିଜେଡିର ବାଇକ ଶୋଭାଯାତ୍ରା।

## ଭାଜପା ପକ୍ଷରୁ ପଦଯାତ୍ରା



**ଢେଙ୍କାନାଳ,୧୭।୪(ରତନ ନାୟାର)**

ଢେଙ୍କାନାଳ ସହରରେ ରାମ ନବମୀ ଅବସରରେ ଭାଜପା ପକ୍ଷରୁ ମଧ୍ୟ ଅନୁରୂପ ଭାବେ ପଦଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରାଯାଇଛି। ସନ୍ଧ୍ୟାରେ ଭାଜପାର ନେତୃବୃନ୍ଦ ସହରସ୍ଥିତ କାଳଟାକ୍ସଠାରୁ ଗେରୁଆ ପତାକା ଧରି କାଳଟାକ୍ସଠାରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରି ଗଣେଶ ବଜାର ଦେଇ ବଳରାମଙ୍କ ମନ୍ଦିରଠାରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ଭାଜପା ପକ୍ଷରୁ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ଭାଜପା ନେତା କରୁଣାକର ଦଳେଇ, କାଉନସିଲର ଲକ୍ଷ୍ମୀପ୍ରିୟା ଦଳେଇ, ନିରୋଦ କୁମାର ସାହୁ ପ୍ରମୁଖ ନେତୃବୃନ୍ଦ ଓ କର୍ମୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଦୁଇ ଦଳର ଶୋଭାଯାତ୍ରା ସହରରେ ରାଜନୈତିକ ବାତାବରଣକୁ ଉଷ୍ମ କରିଥିଲା। ରାମନବମୀ ଅବସରରେ ପଦଯାତ୍ରାକୁ ନଜରରେ ରଖି ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲା।

